# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30th August - 2024**

**News Editor : *Tapan Kumar Maharana***

*********************************

***BBSR, Bhadrak/R***

# ସୁଭଦ୍ରା ଯୋଜନା ମାର୍ଗଦର୍ଶିକା

ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିବା ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ଏହି ଯୋଜନାରେ ସମସ୍ତ ଯୋଗ୍ୟ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ଦିଆଯିବ । ୨୧ ବର୍ଷରୁ ୬୦ ବର୍ଷର ମହିଳାମାନଙ୍କପାଇଁ ଏହି ଯୋଜନା ଲାଗୁ ହେବ । ୫ ବର୍ଷ ପର୍ଯ୍ୟନ୍ତ ମୋଟ୍ ୫୦ ହଜାର ଟଙ୍କା ଏହି ଯୋଜନାରେ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ । ହିତାଧିକାରୀ ମହିଳାଙ୍କର ଆଧାର ନମ୍ବର ସହିତ ମୋବାଇଲ୍ ନମ୍ବର  ଯୋଡ଼ି ହୋଇଥିବା ଆବଶ୍ୟକ । ପ୍ରତ୍ୟେକ ବର୍ଷର ରକ୍ଷାବନ୍ଧନ ଓ ଆନ୍ତର୍ଜାତିକ ମହିଳା ଦିବସରେ ଏହି କିସ୍ତି ପ୍ରଦାନ କରାଯିବ ।

ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଭଦ୍ରକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗତକାଲି ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ହିତାଧିକାରୀମାନଙ୍କୁ ଏହି ଯୋଜନାର ସୁଫଳ ପାଇବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Puri/R*

## ପୁରୀ ଶ୍ରୀମନ୍ଦିର ପରିଚାଳନା ବୈଠକ

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଆଜି ପୂର୍ବାହ୍ନରେ ନୀଳାଦ୍ରି ଭକ୍ତ ନିବାସ ସଭାଗୃହଠାରେ ଅନୁଷ୍ଠିତ ହେବ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ୨୦୨୩-୨୪ ବର୍ଷର ସଂଶୋଧିତ ବ୍ୟୟ ଅଟକଳ ଓ ଚଳିତ ବର୍ଷର ୩୮୬ କୋଟି ଟଙ୍କାର ବଜେଟ୍ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ।

*Desk*

## ଶିକ୍ଷକ ନିଯୁକ୍ତି

ରାଜ୍ୟ ସରକାର ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ବିଦ୍ୟାଳୟଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର କରିବାପାଇଁ ବଜେଟ୍‌ରେ ୧୭ ପ୍ରତିଶତ ଅଧିକ ବ୍ୟୟ ବରାଦ କରିଛନ୍ତି ବୋଲି ବିଧାନସଭାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।  ଶ୍ରୀ ଗଣ୍ଡ କହିଛନ୍ତି, ଜାତୀୟ ଶିକ୍ଷାନୀତି ଆଧାରରେ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲାଗି ପରିବେଶ ସୃଷ୍ଟି କରାଯାଉଛି । ସରକାର ଆଗାମୀ ଦିନରେ ବିଭିନ୍ନ ବର୍ଗରେ

୨୮ ହଜାର ୪ ଶହ ଅଣଚାଳିଶ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବେ ବୋଲି ଲକ୍ଷ୍ୟ ରଖିଛନ୍ତି ।

***BBSR/R***

## ନଦୀ ସଂଯୋଗୀକରଣ

ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ଅଧୀନରେ ମହାନଦୀ-ଗୋଦାବରୀ ନଦୀ ସଂଯୋଗ ନିମନ୍ତେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଦୀ-ଗୋଦାବରୀ ନଦୀ ସଂଯୋଗୀକରଣ ପ୍ରକଳ୍ପରେ ମହାନଦୀରୁ ଋଷିକୁଲ୍ୟା, ବଂଶଧାରା ଓ ନାଗାବଳୀ ନଦୀ ଦେଇ ଗୋଦାବରୀ ପର୍ଯ୍ୟନ୍ତ ସଂଯୋଗ କରାଯିବା ନେଇ ରୂପରେଖ ପ୍ରସ୍ତୁତ କରାଯାଉଛି ।

***BBSR/R***

## ଜବରଦଖଲ

ରାଜ୍ୟର ୨୦ଟି ଜିଲ୍ଲାରେ ୯୮ ହଜାର ୮୦୩ ହେକ୍ଟର ୫୩ ଡେସିମିଲ୍ ସରକାରୀ ଜମି ଜବର ଦଖଲ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ କହିଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଅଦ୍ୟାବଧି ୮୩ ହଜାର ୨୧୩ ଏକର ୬୨ ଡେସିମିଲ୍

ଜମି ଜବର ଦଖଲ ମୁକ୍ତ କରାଯାଇଛି । ଜବର ଦଖଲ ଅଭିଯୋଗରେ ଏପର୍ଯ୍ୟନ୍ତ ୨ ଲକ୍ଷ ୬୪ ହଜାର ୧୪୭ ଜଣ ଜବର ଦଖଲକାରୀଙ୍କୁ ଦଣ୍ଡିତ କରାଯାଇଛି ଏବଂ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି । ରାୟଗଡ଼ା ଜିଲ୍ଲାରେ ସର୍ବାଧିକ ୩୬ ହଜାର ୪୯୬ ଜଣ ଜବର ଦଖଲକାରୀ ଥିବା ଜଣାପଡ଼ିଛି ।

***Desk***

## ଇସ୍ପାତ

ସାମାଜିକ ଦାୟିତ୍ୱ ପାଣ୍ଠି ସହାୟତାରେ ରାଜ୍ୟରେ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଇସ୍ପାତ ମନ୍ତ୍ରଣାଳୟର ବିଭିନ୍ନ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୌଣ୍ଡ୍ରିକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି କହିଛନ୍ତି, ରାଉରକେଲା ଇସ୍ପାତ ହସ୍ପିଟାଲ୍ ଏବଂ ଅନ୍ୟ ଖଣି ଅଞ୍ଚଳରେ ଇସ୍ପାତ ମନ୍ତ୍ରଣାଳୟଦ୍ୱାରା ପରିଚାଳିତ ହସ୍ପିଟାଲ୍‌ଗୁଡ଼ିକୁ ଅଧିକ ଉନ୍ନତି କରିବାର ଆବଶ୍ୟକତା ରହିଛି । ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ଉତ୍ପାଦନ କ୍ଷମତା ୪ ଦଶମିକ ୫ ମିଲିୟନ୍‌ରୁ ୯ ମିଲିୟନ୍‌କୁ ବୃଦ୍ଧି କରାଯିବା ନେଇ ଇସ୍ପାତ ସଚିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

*Desk*

# ଧାନ ବିକ୍ରି

ଚଳିତ ବର୍ଷ ଖରିଫ୍ ଋତୁରେ ଧାନ ବିକିବାପାଇଁ ଅଣଷଠି ହଜାର ୮୯୮ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ସମବାୟ ବିଭାଗର ସୂଚନା ଅନୁସାରେ ୪୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ କରାଯିବ । ଗତବର୍ଷ ତୁଳନାରେ ୧୩୪ ଜଣ କମ୍ ଚାଷୀ ଚଳିତ ବର୍ଷ ଖରିଫ୍ ଧାନ ବିକ୍ରି କରିବାପାଇଁ ନାମ ପଞ୍ଜୀକରଣ କରିଛନ୍ତି ।

*Puri/R*

# ପ୍ରଲମ୍ବାସୁର ବଧ ବେଶ

ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ପ୍ରଲମ୍ବାସୁର ବଧ ବେଶ ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀବଳଭଦ୍ର ପ୍ରଲମ୍ବାସୁରକୁ ବଧ କରୁଥିବା ବେଶରେ ସଜ୍ଜିତ ହେବେ । ଏହି ବେଶରେ ପ୍ରଭୁ ବଳଭଦ୍ରଙ୍କ ଏକ ହସ୍ତରେ ହଳ ଓ ଅନ୍ୟ ହସ୍ତରେ ମୁଷଳ ଶୋଭା ପାଇବ । ୪ ଫୁଟ ଉଚ୍ଚତାର ଏକ କାଠ ନିର୍ମିତ ପ୍ରଲମ୍ବାସୁର ମୂର୍ତ୍ତି ବଳଭଦ୍ରଙ୍କ ନିମ୍ନଭାଗରେ ରଖାଯିବ ।

*BBSR/R*

# ଏମ୍.ବି.ବି.ଏସ୍. - ବଣ୍ଡା ଛାତ୍ର

ଏମ୍.ବି.ବି.ଏସ୍. ପାଠ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରଥମ ବଣ୍ଡା ଜନଜାତି ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି । ଲୋକସେବା ଭବନରେ ଗତକାଲି ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମଙ୍ଗଳାଙ୍କୁ ଏକ ଲ୍ୟାପ୍‌ଟପ୍ ଉପହାର ଦେବା ସହ ତାଙ୍କୁ ପାଠ୍ୟକ୍ରମ ଜାରି ରଖିବାପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

*Kandhamal/R*

# କୌଶଳ ରଥ

କନ୍ଧମାଳ ଜିଲ୍ଲାରେ ଆସନ୍ତାକାଲିଠାରୁ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ କୌଶଳ ରଥ ପରିକ୍ରମା କରିବ । କୌଶଳ ରଥ ଜିଲ୍ଲା ଶିଳ୍ପ ତାଲିମ୍ ଅନୁଷ୍ଠାନରୁ ବାହାରି ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ପଲିଟେକ୍‌ନିକ୍ ପ୍ରତିଷ୍ଠାନ ପରିକ୍ରମା କରି ଯୁବବର୍ଗଙ୍କ ମଧ୍ୟରେ ବିଭିନ୍ନ କ୍ଷୁଦ୍ରକାଳୀନ ଓ ଦୀର୍ଘମିଆଦୀ ଦକ୍ଷତା କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଇବ ।

*BBSR, Koraput/R*

# ପାଣିପାଗ

କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇଥିବାରୁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ରବିବାର ପର୍ଯ୍ୟନ୍ତ ବର୍ଷା ପରିମାଣ ଅଧିକ ରହିବ । ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ଏବଂ କେତେକ ସ୍ଥାନରେ ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ୍ ରଖିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

*****